ନିତିଦିନ
NITIDIN

NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday

'ବଲିଉଡ୍‌କୁ ବଦ୍‌ନାମ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି' ୨

ପ୍ରଶ୍ନକାଳକୁ ନେଇ ପ୍ରଶ୍ନ କଲେ ବିରୋଧୀ ୩

କୋଭିଡ୍-୧୯ ସମୟରେ ଆସିଛି ୧.୪୭ ଲକ୍ଷ କୋଟିର ଏଫ୍‌ଡିଆଇ ୧୧



ମେସି ବିତ୍ତଶାଳୀ ଫୁଟବଲର
୧୨

କରୋନା ସ୍ଥିତି

ବିଶ୍ୱ

ଆକ୍ରାନ୍ତ:	୨,୯୬,୦୪,୨୨୫
ସୁସ୍ଥ:	୨,୧୪,୧୨,୪୩୭
ମୃତ:	୯,୩୫,୮୪୭

ଦେଶ

ଆକ୍ରାନ୍ତ:	୪୯,୩୦,୨୩୬
ସୁସ୍ଥ:	୩୮,୫୯,୩୯୯
ମୃତ:	୮୦,୭୭୬

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

VOLUME 6 • ISSUE 122 • BHUBANESWAR • BERHAMPUR • SAMBALPUR • BALASORE • JAJPUR • WEDNESDAY • 16 SEPTEMBER 2020 • 12 PAGES • ₹5/- ବର୍ଷ ୬ • ସଂଖ୍ୟା ୧୨୨ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ବୁଧବାର • ୧୬ ସେପ୍ଟେମ୍ବର ୨୦୨୦ • ୧୨ ପୃଷ୍ଠା • ୫ ଟଙ୍କା

ପାକିସ୍ତାନର ନକଲି ମାନଚିତ୍ର ପ୍ରଦର୍ଶନର ପ୍ରତିବାଦ

ଭାରତର ଏସ୍‌ସିଓ ବୈଠକ ବର୍ଜନ

ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:

ରୁଷିଆର ରାଜଧାନୀ ମସ୍କୋରେ ମଙ୍ଗଳବାର ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ଭର୍ଚୁଆଲ ବୈଠକରେ ପାକିସ୍ତାନ ଭାରତ-ପାକ୍ ସୀମାକୁ ଭୁଲ ଭାବରେ ଚିତ୍ରଣ କରି ଏକ ନକଲି ମାନଚିତ୍ର ପ୍ରଦର୍ଶନ କରିବାରୁ ଭାରତ ଏହି ବୈଠକ ବର୍ଜନ କରିଥିଲା। ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ଏହି ଏସସିଓ ବୈଠକରେ ପାକିସ୍ତାନର ଜାତୀୟ ସୁରକ୍ଷା ପରାମର୍ଶଦାତା ଏଭଳି ନକଲି ମାନଚିତ୍ର ପ୍ରଦର୍ଶନ କରିବାରୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ବୈଠକରୁ ଉଠି ଚାଲିଆସିଥିଲେ।

ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ପାକ୍ ଏନ୍‌ଏସ୍‌ଏ ଉଦ୍ଦେଶ୍ୟମୂଳକ ଭାବେ ନକଲି ମାନଚିତ୍ର ପ୍ରଦର୍ଶନ କରିଥିଲେ। ଏହା ଏସ୍‌ସିଓ ବୈଠକର ନିୟମ ଉଲ୍ଲଙ୍ଘନ କରିଛି। ସେ ଆହୁରି କହିଲେ, ପାକିସ୍ତାନ ଏପରି କରିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଏହି ନକଲି ମାନଚିତ୍ରରେ ଭାରତର କେତେକ ଅଞ୍ଚଳକୁ ପାକିସ୍ତାନର ଅଂଶ ଭାବେ ଦର୍ଶାଯାଇଛି। ଯାହାକି ଏସ୍‌ସିଓ ନିୟମର ଉଲ୍ଲଙ୍ଘନ ହୋଇଛି। ଉଲ୍ଲେଖଯୋଗ୍ୟ ପାକିସ୍ତାନକୁ ଏପରି ନକରିବା ପାଇଁ ଏହି ବୈଠକର ଅଧ୍ୟକ୍ଷରାଷ୍ଟ୍ର ରୁଷିଆର ଜାତୀୟ ସୁରକ୍ଷା ପରାମର୍ଶଦାତା ନିକୋଲାଇ ପାଟ୍ରୁସେଭ୍ ବହୁବାର କହିବା ସତ୍ତ୍ୱେ ପାକିସ୍ତାନ ବାରମ୍ବାର ନକଲି ମାନଚିତ୍ର ପ୍ରଦର୍ଶନ କରିଥିଲା। ତେବେ ଅଜିତ୍ ଡୋଭାଲ ବୈଠକରେ ଅଧ୍ୟକ୍ଷତା କରୁଥିବା ରୁଷିଆର ଜାତୀୟ ସୁରକ୍ଷା

▶▶ ୭

ସଂସଦରେ ସ୍ପଷ୍ଟକଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

ଚୀନ୍ ଦଖଲରେ ଲଦାଖର ୩୮ ହଜାର ବର୍ଗ କିମି

ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:

ଲଦାଖ ସୀମାକୁ ନେଇ ଦୀର୍ଘ ମାସ ଧରି ଭାରତ-ଚୀନ୍ ମଧ୍ୟରେ ବିବାଦ ଲାଗିରହିଥିବା ବେଳେ ମଙ୍ଗଳବାର ସଂସଦରେ ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିଜର ବକ୍ତବ୍ୟ ରଖି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଏହି ସୀମା ବିବାଦର ଶାନ୍ତିପୂର୍ଣ୍ଣ ଆଲୋଚନା ଦ୍ୱାରା ସମାଧାନ କରିବାକୁ ଭାରତ ବଦ୍ଧପରିକର ରହିଛି। ତେବେ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ।

ଲୋକସଭାରେ ରାଜନାଥ କହିଛନ୍ତି, ୧୯୬୩ରେ ତଥାକଥିତ ସୀମା ରାଜିନାମା ଅନୁଯାୟୀ ଚୀନ୍ ଲଦାଖରେ ୩୮ ହଜାର ବର୍ଗ କିଲୋମିଟର ଅଞ୍ଚଳ ଜବରଦଖଲ କରିଛି। ପାକିସ୍ତାନ ବେଆଇନ ଭାବେ ପିଓକେ (ପାକ୍ ଅଧିକୃତ କଶ୍ମୀର)ର ୫୧୮୦ ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳକୁ ଚୀନ୍‌କୁ ହସ୍ତାନ୍ତର କରିଦେଇଛି। ଚୀନ୍‌ର ପଦକ୍ଷେପରୁ ଜଣାପଡୁଛି ଯେ ଏହା ଆମର ବିଭିନ୍ନ ଦ୍ୱିପାକ୍ଷିକ ରାଜିନାମାକୁ ମାନିବାକୁ ଚାହୁଁନାହିଁ। ସୀମାରେ ବିପୁଳ ସଂଖ୍ୟାରେ ସୈନ୍ୟ ମୁତୟନ କରି ଚୀନ୍ ୧୯୯୩ ଓ ୧୯୯୬ ରାଜିନାମାର ଉଲ୍ଲଙ୍ଘନ କରିଛି। ଏହି ଦୁଇ ରାଜିନାମା ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) କୁ ମାନି ଦୁଇ ଦେଶ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବାକୁ ସମ୍ମତ ହୋଇଥିଲେ। କିନ୍ତୁ ଚୀନ୍ ଏହି ରାଜିନାମାର ଖୋଲାଖୋଲି ଉଲ୍ଲଙ୍ଘନ କରିଛି। ଏହା ସତ୍ତ୍ୱେ ଭାରତ ଶାନ୍ତିପୂର୍ଣ୍ଣ ଆଲୋଚନା ଦ୍ୱାରା ସୀମା ବିବାଦର ସମାଧାନ କରିବାକୁ ଚାହେଁ। ଗତ ୪ ତାରିଖରେ ମୁଁ ଚୀନ୍ ପ୍ରତିପକ୍ଷଙ୍କୁ ମସ୍କୋରେ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି ବୋଲି କହିଥିଲେ ରାଜନାଥ। ସୀମାର ସ୍ଥିତାବସ୍ଥା ମନୋମୁଖୀ ଭାବେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଚୀନ୍ ପ୍ରତିପକ୍ଷଙ୍କୁ ସେ ସ୍ପଷ୍ଟ ଜଣାଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଏହି ସଦନ ଆମର ସେନା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ୍। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଗତ ଅଗଷ୍ଟ ୨୯-୩୦ ରାତିରେ ଦୁଇ ଦେଶର ସେନା ମଧ୍ୟରେ ଘଟିଥିବା ମୁହାଁମୁହିଁ ପରିସ୍ଥିତି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ସେ କହିଲେ ଯେ ଡୋକ୍‌ଲାମ୍ ସଂଘର୍ଷ ବେଳେ ଭାରତୀୟ ଯବାନମାନେ ସାହସିକତାର ପରିଚୟ ଦେଇଛନ୍ତି। ସେମାନଙ୍କର ସମସ୍ତ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହି ଘଟଣା ପରିପ୍ରେକ୍ଷୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ଚୀନ୍‌କୁ ଚେତାବନୀ ଦେଇ କହିଛନ୍ତି ଯେ ଏଲଏସିରେ କୌଣସି ଗମ୍ଭୀର ପରିସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ। ଭାରତ-ଚୀନ୍ ସୀମା ବିବାଦ ପ୍ରସଙ୍ଗରେ ବିତର୍କ ପାଇଁ ବିରୋଧୀଦଳଗୁଡ଼ିକର ଦାବି କ୍ରମେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବିବୃତ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

୫୧୮୦ ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳ ଚୀନ୍‌କୁ ହସ୍ତାନ୍ତର କରିଛି ପାକିସ୍ତାନ

LSTV
राजनाथ सिंह, रक्षा मंत्री

୪ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ସୁବର୍ଣ୍ଣରେଖା ଉପରେ ନିର୍ମାଣ ହେବ ବୃହତ୍ ସେତୁ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:

ବାଲେଶ୍ୱର ଜିଲ୍ଲା ଜାତୀୟ ରାଜପଥ-୧୬ର ହଳଦୀପଡ଼ାଠାରୁ ଭାୟା ବାଲିଆପାଳ, ପନ୍ତେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମାରେ ୩୬ କିମି ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ସେତୁ ନିର୍ମାଣ ହେବ। ଏହି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଇନରେ ସଂଶୋଧନ ପାଇଁ ୨ଟି ଅଧ୍ୟାଦେଶକୁ ଅନୁମୋଦନ ସମେତ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ, ୧୯୪୮ର ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ କ୍ୟାବିନେଟ୍‌ରେ ଆଜି ମୋଟ୍ ୫ଟି ଏଜେଣ୍ଡା ଆଲୋଚନା ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କ୍ୟାବିନେଟ୍ ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସ୍ଥଗିତ ରଖାଯାଇଥିଲା ଓ ଅନ୍ୟ ୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଷୋଡ଼ଶ ବିଧାନସଭାର ଚତୁର୍ଥ ଅଧିବେଶନ ଆହୂତକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅନୁମତି ଦେଇଥିଲେ, ଯାହାକୁ କ୍ୟାବିନେଟ୍ ଆଜି ପିଛିଲା ଭାବେ ଏହାକୁ ଅନୁମୋଦନ କଲେ। ଏହାସହିତ ଅର୍ଥ ବିଭାଗର ୨ଟି ପ୍ରସ୍ତାବ ଓ ପୂର୍ତ୍ତ ବିଭାଗର ଗୋଟିଏ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଜିଏସ୍‌ଟି ଅଧିନିୟମ ସଂଶୋଧନ ସମ୍ପର୍କରେ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା କହିଛନ୍ତି, ଜିଏସ୍‌ଟି କାଉନ୍‌ସିଲ୍‌ର ସୁପାରିସ୍ ଆଧାରରେ ରାଜ୍ୟ ସରକାର ଓଡ଼ିଶା ଜିଏସଟି ଅଧିନିୟମ-୨୦୧୭ର କେତେକ ଧାରାରେ ସଂଶୋଧନ କରିଛନ୍ତି। ଏନେଇ ଆଜି କ୍ୟାବିନେଟ ଓଡ଼ିଶା ଜିଏସ୍‌ଟି(ସଂଶୋଧନ) ଅଧ୍ୟାଦେଶ-୨୦୨୦ ଓ ଓଡ଼ିଶା ଜିଏସ୍‌ଟି(ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ ଜାରିକୁ ଅନୁମୋଦନ କରିଛନ୍ତି। ଓଡ଼ିଶା ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ସଂଶୋଧନ କରାଯାଇଛି। ଏହି ଅଧ୍ୟାଦେଶ ଲାଗୁ ହେବାପରେ ପଞ୍ଜିକୃତ ଟିକସ ଦାତାମାନେ ଉପକୃତ ହେବେ ଓ ଟ୍ୟାକ୍ସ ପ୍ରଶାସକମାନେ ଜିଏସ୍‌ଟି କାର୍ଯ୍ୟକୁ ସୁଚାରୁରୂପେ ତୁଲାଇପାରିବେ। ଏହି ଅଧ୍ୟାଦେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜିଏସ୍‌ଟି ଅଧିନିୟମ ଆରମ୍ଭ ହେବାର ୫ ବର୍ଷ ଅବଧି ଶେଷ ହେବା ପର୍ଯ୍ୟନ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜିଲେ ତାକୁ ଦୂର କରିବା ପାଇଁ ସରକାର ଗେଜେଟ୍‌ରେ ସ୍ୱତନ୍ତ୍ର ଅର୍ଡର ଜାରି କରି ଅସଙ୍ଗତିକୁ ଦୂର କରିବା ନିମନ୍ତେ ଆଦେଶ ଦେଇପାରିବେ। ସେହିପରି କୌଣସି ବ୍ୟକ୍ତି ବିନା ଇନଭଏସରେ ଜିଏସ୍‌ଟି ଦେଉଥିବେ ଓ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଗ୍ରହଣ ବା ବିନିଯୋଗ କରୁଥିବେ ତା'ହେଲେ ସେ ଯେଉଁ ପରିମାଣର ଟିକସ ଠକିଥିବେ ତାଙ୍କୁ ସେହି ପରିମାଣର ଜୋରିମାନା ଅର୍ଥ ଦେବାକୁ ପଡ଼ିବ। ଏହାକୁ ମଧ୍ୟ ଜାମିନବିହୀନ

▶▶ ୭

- ଜିଏସ୍‌ଟି ଆଇନରେ ସଂଶୋଧନ ପାଇଁ ୨ଟି ଅଧ୍ୟାଦେଶକୁ ଅନୁମୋଦନ
- ବିନା ଇନଭଏସରେ ଜିଏସ୍‌ଟି ଦେଲେ ଜାମିନବିହୀନ ଅପରାଧ
- ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ, ୧୯୪୮ର ସଂଶୋଧନକୁ ମଞ୍ଜୁରୀ

ଏଣିକି ଗୃହରକ୍ଷୀ ନିଯୁକ୍ତି ବନ୍ଦ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:

ଓଡ଼ିଶା ପୁଲିସର ସହାୟକ ୱିଙ୍ଗ୍ ଭାବ କାର୍ଯ୍ୟ କରୁଥିବା ଗୃହରକ୍ଷୀ (ହୋମଗାର୍ଡ)ଙ୍କ ନୂଆ ନିଯୁକ୍ତି ଆଉ ହେବନାହିଁ। ଏଥିସହିତ ଯେଉଁ ସବୁ ଖାଲି ପଦବୀ ଥିଲା ତାହାକୁ ବି ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଗତ ଫେବୃଆରୀ ମାସରେ ଅର୍ଥ ବିଭାଗ ହୋମଗାର୍ଡଙ୍କ ନୂଆ ନିଯୁକ୍ତି ବନ୍ଦ କରିବାକୁ ପରାମର୍ଶ ଦେଇଥିଲା। ସେହି ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଗତ ଫେବୃଆରୀ ୨୨ରେ ଗୃହ ବିଭାଗ ଓଡ଼ିଶା ଅଗ୍ନିଶମ ଡିଜିଙ୍କୁ ଚିଠି ଲେଖି ଗୃହରକ୍ଷୀ ନିଯୁକ୍ତି ବନ୍ଦ କରିବା ଓ ଖାଲି ପଦବୀକୁ ଉଚ୍ଛେଦ କରିବାକୁ ପରାମର୍ଶ ଦେଇଥିଲେ। ଏହା କାର୍ଯ୍ୟକାରୀ ନହେବାରୁ ଜୁଲାଇ ୨୩ ତାରିଖରେ ସରକାର ଆଉ ଏକ ପତ୍ର ମାଧ୍ୟମରେ ବିଭାଗକୁ ଅବଗତ କରିଛନ୍ତି। ଏହି ଚିଠି ପାଇବା ପରେ ଅଗ୍ନିଶମ ବିଭାଗ ନୂଆ ନିଯୁକ୍ତି ବନ୍ଦ ଓ ପଦବୀ ଉଚ୍ଛେଦ ନେଇ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ହୋମଗାର୍ଡ ପଦକୁ ଉଚ୍ଛେଦ କରି ସେହି ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ସିଭିଲ ପୁଲିସିଂକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ତିନି ଜଣ ହୋମଗାର୍ଡଙ୍କ ସ୍ଥାନରେ ଜଣେ କନଷ୍ଟେବଲଙ୍କୁ ନିଯୁକ୍ତି ଦିଆଯିବ। ଜଣେ କନଷ୍ଟେବଲ ପୁଲିସର କାର୍ଯ୍ୟ କରିପାରିବ। ଫଳରେ କାମ ଚାପ, ତଦନ୍ତ ଓ ଅଭିଯୁକ୍ତଙ୍କ ଗିରଫଦାରୀରେ ବେଶ ସହଜ ହେବ। ଜଣେ ଗୃହରକ୍ଷୀ କନଷ୍ଟେବଲଙ୍କ ଭଳି କାମ କରିପାରିବ ନାହିଁ। ରାଜ୍ୟରେ ୧୭,୬୭୫ ଗୃହରକ୍ଷୀ ମଞ୍ଜୁରି ପଦବୀ ଥିବା ବେଳେ ଏବେ ୧୬,୧୦୦ ଜଣ କାର୍ଯ୍ୟରତ ଅଛନ୍ତି।

ଶ୍ରମିକଙ୍କ ପାଇଁ ଇ-ମଷ୍ଟର ରୋଲ୍

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:

ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଦିଗରେ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏଣିକି ଶ୍ରମିକଙ୍କ ମଜୁରୀ ପାଇଁ ଇ-ମଷ୍ଟରରୋଲ୍ ବାଧ୍ୟତାମୂଳକ। ଏହି ଅଭିଯାନରେ ଅନିୟମିତତା ରୋକିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବ। ମଷ୍ଟରରୋଲ୍ ଗୁଡ଼ିକ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ପ୍ରସ୍ତୁତ ହେବା ସହ ବିଭାଗଗୁଡ଼ିକ ଦ୍ୱାରା ନିୟୋଜିତ ଶ୍ରମିକମାନଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରୀ ଅର୍ଥ ଜମା କରାଯିବ। ଏହା ଫଳରେ ସର୍ବନିମ୍ନ ମଜୁରୀ ପ୍ରଦାନର ତଦାରଖ ବ୍ୟବସ୍ଥା ଏବଂ ନିର୍ଦ୍ଧାରିତ ସମୟରେ କର୍ମଚାରୀ ରାଜ୍ୟ ବୀମା ଏବଂ ଭବିଷ୍ୟନିଧି ପାଣ୍ଠିର ଦାଖଲ ସୁନିଶ୍ଚିତ ହୋଇପାରିବ।

ପ୍ରଥମ ପର୍ଯ୍ୟାୟରେ ଏହି ପଦକ୍ଷେପ ଆସନ୍ତା ଅକ୍ଟୋବର ୨ରୁ ଆରମ୍ଭ ହେବ। ପୂର୍ତ୍ତ, ଜଳ ସମ୍ପଦ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପରେ ଇ-ମଷ୍ଟର ରୋଲ୍ କାର୍ଯ୍ୟକାରୀ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ନୋଡାଲ୍ ବିଭାଗ ରହିବ ପୂର୍ତ୍ତ ବିଭାଗ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଯୋଗେ ୫-ଟି ସୂତ୍ର ଆଧାରରେ ବିଭିନ୍ନ ବିଭାଗରେ ଇ-ମଷ୍ଟର ରୋଲ୍ ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟାଙ୍କ ଜରିଆରେ ମଜୁରୀ ପ୍ରଦାନ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଇ-ମଷ୍ଟର ରୋଲ୍‌ର ସାର୍ବଜନିକ କାର୍ଯ୍ୟାନ୍ୱୟନ ୨୦୨୧ ଜାନୁଆରୀ ୧ ତାରିଖ ସୁଦ୍ଧା ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପଯୁକ୍ତ ଆଇନଗତ ବ୍ୟବସ୍ଥା, ଉନ୍ନତ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟସ୍ତରୀୟ ତାଲିମ୍ ଓ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ ସହିତ ସବୁବର୍ଗର କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ

▶▶ ୭

ଦିନକରେ ୮୦,୭୭୬ ଆକ୍ରାନ୍ତ, ୧୦୫୪ ମୃତ

ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:

ଭାରତରେ କରୋନା ଭୂତାଣୁର ସଂକ୍ରମଣ ଜାରିରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ସମଗ୍ର ଦେଶରେ ୮୩,୮୦୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୪୯ ଲକ୍ଷ ୩୦ ହଜାର ୨୩୬ ଜଣ କରୋନାରେ ଆକ୍ରାନ୍ତ ହେଲେଣି। ଗତ ୨୪ ଘଣ୍ଟାରେ ଦେଶରେ ୧୦୫୪ ଆକ୍ରାନ୍ତଙ୍କ ପ୍ରାଣହାନୀ ଘଟିବାରୁ କରୋନା ମୃତ୍ୟୁସଂଖ୍ୟା ୮୦,୭୭୬କୁ ବୃଦ୍ଧିପାଇଛି।

ମଙ୍ଗଳବାର ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ କହିଛନ୍ତି ଯେ ଦେଶରେ ବର୍ତ୍ତମାନ ୯ ଲକ୍ଷ ୯୦ ହଜାର ୬୧ ଜଣ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ତେବେ ୩୮ ଲକ୍ଷ ୫୯ ହଜାର ୩୯୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସଂପ୍ରତି ଦେଶରେ କୋଭିଡ୍-୧୯ ଆରୋଗ୍ୟ ହାର ୭୭.୮୮ ପ୍ରତିଶତ ଥିବା ବେଳେ ମୃତ୍ୟୁହାର ୧.୬୫ ପ୍ରତିଶତ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି। ଦେଶରେ ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ମହାରାଷ୍ଟ୍ରରେ ୧୦ ଲକ୍ଷ ୭୭ ହଜାର ୩୭୪ ଜଣ କରୋନାରେ ଆକ୍ରାନ୍ତ

▶▶ ୭

ବିଶ୍ୱରେ ମୃତ୍ୟୁସଂଖ୍ୟା ୯.୩୫ ଲକ୍ଷ ଟପିଲା

ୱାଶିଂଟନ୍, ୧୫।୯/ଏଜେନ୍ସି:

ବିଶ୍ୱରେ କରୋନା ସଂକ୍ରମଣ ଦିନକୁ ଦିନ ଗୁରୁତର ରୂପ ନେଉଛି। ଏ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ୨ କୋଟି ୯୬ ଲକ୍ଷ ୪ ହଜାର ୨୨୫ ଜଣ ଆକ୍ରାନ୍ତ ହେଲେଣି। ଇତି ମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ହୋଇ ୯ ଲକ୍ଷ ୩୫ ହଜାର ୮୪୭ ଜଣଙ୍କ ପ୍ରାଣହାନୀ ଘଟିଲାଣି। ତେବେ ଏ ପର୍ଯ୍ୟନ୍ତ ୨ କୋଟି ୧୪ ଲକ୍ଷ ୧୨ ହଜାର ୪୩୭ ଜଣ ସୁସ୍ଥ ହୋଇଛନ୍ତି। କରୋନା ସଂକ୍ରମଣରେ ବିଶ୍ୱରେ ସର୍ବାଗ୍ରେ ରହିଛି ଆମେରିକା। ଆମେରିକାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୭ ଲକ୍ଷ ୫୮ ହଜାର ୭୦୯ରେ ପହଞ୍ଚିଥିଲା ବେଳେ ମୃତ୍ୟୁସଂଖ୍ୟା ୨ ଲକ୍ଷର ନିକଟବର୍ତ୍ତୀ ହୋଇଛି। ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ। ତୃତୀୟ ସ୍ଥାନରେ ରହିଥିବା ବ୍ରାଜିଲ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ଲକ୍ଷ ୫୬ ହଜାର ୬୯୦ କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୧ ଲକ୍ଷ ୩୨ ହଜାର ୨୯୭ ଟପିଗଲାଣି। ଚତୁର୍ଥ ସ୍ଥାନରେ ଥିବା ରୁଷିଆରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୭୩ ହଜାର ୮୪୯ ରେ ପହଞ୍ଚିଛି। ରୁଷିଆରେ କରୋନା ଆକ୍ରାନ୍ତ ହୋଇ ଏ ପର୍ଯ୍ୟନ୍ତ ୧୮,୭୮୫ ଜଣ ପ୍ରାଣ ହରାଇଲେଣି। ରୁଷିଆ ପଛକୁ ଯଥାକ୍ରମେ ରହିଛନ୍ତି ପେରୁ, କଲମ୍ବିଆ, ମେକ୍ସିକୋ, ଦକ୍ଷିଣଆଫ୍ରିକା, ସ୍ପେନ, ଆର୍ଜେଣ୍ଟିନା, ଚିଲି, ଇରାନ, ଫ୍ରାନ୍ସ ଓ ବ୍ରିଟେନ୍।

▶▶ ୭

ଟ୍ୱିନ୍‌ସିଟିକୁ କରୋନା ରୋଗୀ ସ୍ଥାନାନ୍ତର ମନା

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:

କରୋନା ଲାଗି ରାଜ୍ୟ ସରକାର ଭର୍ଚୁଆଲ୍ ଆଇସିୟୁକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଭର୍ଚୁଆଲ ଆଇସିୟୁ ସେବା ଆରମ୍ଭ ହେବ। ଏଣିକି ଦୁର୍ଗମ ଅଞ୍ଚଳରେ କରୋନା ରୋଗୀଙ୍କୁ ଆପ୍ ମାଧ୍ୟମରେ ବିଶେଷଜ୍ଞ ପରାମର୍ଶ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ, ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ଚିଠି ଲେଖିଛନ୍ତି।

ମଙ୍ଗଳବାର ଦେଇଥିବା ଚିଠିରେ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ସାଧାରଣତଃ କୌଣସି ରୋଗୀ କୋଭିଡ୍ ସଂକ୍ରମଣରେ ଅଧିକ ସମ୍ବେଦନଶୀଳ ସ୍ଥିତିକୁ ଚାଲି ଆସିଲେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସଂପୃକ୍ତ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ଡାକ୍ତରଖାନାକୁ ରେଫର୍ କରୁଛନ୍ତି। ଆଗାମୀ ଦିନରେ ଏଭଳି ନକରି ଜିଲ୍ଲାରେ ଆଇସିୟୁ ସୁବିଧାକୁ ସୁଦୃଢ଼ କରି ଜିଲ୍ଲାର ସମସ୍ତ ରୋଗୀଙ୍କ ଚିକିତ୍ସା କରିବା ପାଇଁ ସେ କହିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାସ୍ତରୀୟ ହସ୍ପିଟାଲ୍‌ରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି। ଅତ୍ୟାବଶ୍ୟକ ନହେଲେ କୋଭିଡ୍ ରୋଗୀଙ୍କୁ ଭୁବନେଶ୍ୱର କିମ୍ବା କଟକ ପଠାନଯାଉ। ରାଜ୍ୟ ସରକାର କୋଭିଡ ଚିକିତ୍ସାକୁ ଆହୁରି ସୁଦୃଢ଼ କରିବା ପାଇଁ ଚିନ୍ତା କରିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାରେ ଥିବା ଆଇସିୟୁ ଅଥବା ଏଚ୍‌ଡିୟୁରେ ଚିକିତ୍ସା କରାଯାଇପାରିବ। ଏଥିଲାଗି ତୃଣମୂଳସ୍ତରରେ ତାଲିମ ବ୍ୟବସ୍ଥାକୁ ମଜଭୁତ କରିବାକୁ ପଡ଼ିବ।

▶▶ ୭

୧୫ ଦିନରେ ୧୪୨ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:

ରାଜ୍ୟରେ ଗତ ୧୫ଦିନ ଭିତରେ କରୋନା ୧୪୨ ଆକ୍ରାନ୍ତଙ୍କ ଜୀବନ ନେଲାଣି। ଅଗଷ୍ଟ ମାସର ପ୍ରଥମ ୧୫ଦିନ ଭିତରେ ମଧ୍ୟ ୧୪୬ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା। ଜୁଲାଇ ମାସର ପ୍ରଥମ ୧୫ ଦିନରେ ୫୨ ଆକ୍ରାନ୍ତ ପ୍ରାଣ ହରାଇଥିଲେ। ରାଜ୍ୟରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟାରେ ସ୍ଥିରତା ଆସୁନାହିଁ। କରୋନା ରୋଗୀଙ୍କୁ ଉତ୍ତମ ଚିକିତ୍ସା ଓ ମୃତ୍ୟୁ ସଂଖ୍ୟା ହ୍ରାସ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ମେଡିକାଲ କଲେଜ ପ୍ରଫେସରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ମୃତ୍ୟୁ ସଂଖ୍ୟା କମାଇବା କ୍ଷେତ୍ରରେ ସେତେଟା ସଫଳତା ଅର୍ଜନ କରିପାରିନାହିଁ। ରାଜ୍ୟରେ ୨୪ଘଣ୍ଟାରେ ୮ ସଂକ୍ରମିତଙ୍କ ଜୀବନ ନେଇଛି କରୋନା। ଆଜି କଟକରୁ ସର୍ବାଧିକ ୩ ସଂକ୍ରମିତଙ୍କ ଜୀବନ ଯାଇଥିଲା ବେଳେ ବୌଦ୍ଧ, ରାୟଗଡ଼ା, କନ୍ଧମାଳ, ସୁବର୍ଣ୍ଣପୁର ଓ ସମ୍ବଲପୁରରୁ ଜଣେ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୨୧୫, ଖୋର୍ଦ୍ଧାରେ ୯୪, କଟକରେ ୫୪, ସୁନ୍ଦରଗଡ଼ରେ ୩୮ ଓ ରାୟଗଡ଼ାରେ ୩୪ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ରାଜ୍ୟରେ ବର୍ତ୍ତମାନ ମୋଟ ମୃତ୍ୟୁ ସଂଖ୍ୟା ୬୪୫ରେ ପହଞ୍ଚିଛି।

ରାଜ୍ୟରେ ଆଜି ୩ ହଜାର ୬୪୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ୩ ହଜାର ୭୧୪ ସଂକ୍ରମିତ ଆରୋଗ୍ୟ ହୋଇଛନ୍ତି। ଆଜି ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଆଜିର ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୧୫୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୧୪୯୪ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ସେହିପରି ଅନୁଗୁଳରୁ ୩୯, ବାଲେଶ୍ୱରରୁ ୧୫୬, ଭଦ୍ରକରୁ ୧୪୩, ବଲାଙ୍ଗିରରୁ ୩୯, ବୌଦ୍ଧରୁ ୩୦, କଟକରୁ ୩୫୭, ଦେବଗଡ଼ରୁ ୧୫, ଢେଙ୍କାନାଳରରୁ ୬୮, ଗଜପତିରୁ ୪୬, ଜଗତସିଂହପୁରରୁ ୯୫, ଗଞ୍ଜାମରୁ ୪୬, ଯାଜପୁରରୁ ୧୧୬, ଝାରସୁଗୁଡ଼ାରୁ ୯୧, କଳାହାଣ୍ଡିରୁ ୭୯, କନ୍ଧମାଳରୁ ୯୫, କେନ୍ଦୁଝରରୁ ୫୬, ଖୋର୍ଦ୍ଧାରୁ ୫୧୭, କୋରାପୁଟରୁ ୯୫, ମାଲକାନଗିରିରୁ ୩୩, ମୟୂରଭଞ୍ଜରୁ ୧୩୭, ନବରଙ୍ଗପୁରରୁ ୯୦, ନୟାଗଡ଼ରୁ ୩୮, ନୂଆପଡ଼ାରୁ ୯୦, ପୁରୀରୁ ୨୪୬, ରାୟଗଡ଼ାରୁ ୭୯, ସମ୍ବଲପୁରରୁ ୧୨୭, ସୋନପୁରରୁ ୯୯ ଓ ସୁନ୍ଦରଗଡ଼ରୁ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଲକ୍ଷ ୫୮ହଜାର ୬୫୦ରେ ପହଞ୍ଚିଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୪୪, ବରଗଡ଼ରୁ ୩୯୭, କଟକରୁ ୩୭୫, ଯାଜପୁରରୁ ୨୪୨, ପୁରୀରୁ ୨୦୧, ମୟୂରଭଞ୍ଜରୁ ୧୫୨, ଝାରସୁଗୁଡ଼ାରୁ ୧୧୭, ବାଲେଶ୍ୱରରୁ ୧୧୫, କୋରାପୁଟରୁ ୧୧୫, କନ୍ଧମାଳରୁ ୧୦୦, ଜଗତସିଂହପୁରରୁ ୯୩, ଗଞ୍ଜାମରୁ ୯୨, କେନ୍ଦ୍ରାପଡ଼ାରୁ ୮୮, ସୋନପୁରରୁ ୮୪, ସୁନ୍ଦରଗଡ଼ରୁ ୮୪, ବଲାଙ୍ଗିରରୁ ୭୫, ଅନୁଗୁଳରୁ ୭୨, ସମ୍ବଲପୁରରୁ ୭୧, ନୟାଗଡ଼ରୁ ୭୦, କେନ୍ଦୁଝରରୁ ୬୦, ନବରଙ୍ଗପୁରରୁ ୫୯, ନୂଆପଡ଼ାରୁ ୫୩, କଳାହାଣ୍ଡିରୁ ୪୮, ଦେବଗଡ଼ରୁ ୪୩, ଗଜପତିରୁ ୩୮, ଭଦ୍ରକରୁ ୩୪,

▶▶ ୭

- ମୃତ୍ୟୁସଂଖ୍ୟାରେ ସ୍ଥିରତା ଆସୁନାହିଁ
- ୮ ସଂକ୍ରମିତ ପ୍ରାଣ ହରାଇଲେ
- ଆଜି ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ଅଧିକ
- ଆକ୍ରାନ୍ତ ୩୬୪୫, ସୁସ୍ଥ ୩୭୧୪

ଓଡ଼ିଶା ୧,୫୮,୬୫୦

ସକ୍ରିୟ	ସୁସ୍ଥ	ମୃତ
୩୨,୨୧୪	୧,୨୫,୭୩୮	୬୪୫